# ଜଙ୍ଗଲ ରାଜନୀତି

୧୯/୦୬/୧୯୯୪

ମୁଖ୍ୟମନ୍ତ୍ରୀ ତାଙ୍କର ଶହେ ଦିନିଆ କଂଗ୍ରେସ ସରକାରର ସଫଳତାର କାହାଣୀ ବଖାଣୁଥିବା ବେଳେ ବିରୋଧୀ ଜନତାଦଳ କଂଗ୍ରେସ ସରକାରର ୧୦୦ ଦିନର ପ୍ରତାରଣାର ଏକ ବିବରଣୀ ବିଜ୍ଞାପନ ଆକାରରେ ପ୍ରକାଶ କରିଛି । ଆମ ବିଚାରରେ, ଏହି ଶହେ ଦିନ ଭିତରେ ଆହୁରି ଅନେକ ଗୁଡ଼ିଏ ଘଟଣା ଘଟିଛି, ଯାହା ଅଧିକ ଆଲୋଚନାର ଅପେକ୍ଷା ରଖୁଛି । ଆମର କାହିଁକି ସନ୍ଦେହ ହେଉଛି ଯେ ଉଭୟ କଂଗ୍ରେସ ଓ ଜନତାଦଳ ସେ ବିଷୟରେ ଆଲୋଚନା କରିବା ପାଇଁ ସଙ୍କୋଚ କରୁଛନ୍ତି । ସେଗୁଡ଼ିକ ମଧ୍ୟରୁ ଆଜି ଆମେ କେବଳ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟର କାରବାର ସମ୍ପର୍କିତ ସରକାରଙ୍କ ନୀତି ଓ ନିଷ୍ପତ୍ତି ଉପରେ ଆଲୋଚନା କରିବାକୁ ପ୍ରାସଙ୍ଗିକ ମନେ କରୁଛୁ ।

ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଓଡ଼ିଶାର ରାଜନୀତିକୁ ଗତ ୪୦ ବର୍ଷ ଧରି ପ୍ରଭାବିତ କରି ଆସିଛି । ଜଙ୍ଗଲ ବେପାରୀମାନେ ଅଶୀଦଶକ ପର୍ଯ୍ୟନ୍ତ ଓଡ଼ିଶାର ରାଜନୀତିକୁ ଯେପରି ଭାବେ କବଳିତ କରି ରଖିଥିଲେ ତାହା ଯେ କୌଣସି ସ୍ୱାଭିମାନୀ ଓଡ଼ିଆର ମନକୁ ଆତ୍ମଗ୍ଳାନିରେ ଭରିଦେବ । ଜଙ୍ଗଲର ଠିକାଦାରମାନେ ରାଜନୈତିକ ନେତା ଓ ଅଫିସରଙ୍କୁ ଚାନ୍ଦା ଦେଇ ସବୁ କିଛି ନିୟନ୍ତ୍ରଣ କରୁଥିଲେ । କେନ୍ଦୁପତ୍ର ଗୋଟାଇବାର ଏକଚାଟିଆ ଠିକା କିଏ ପାଇବ ସେ ନେଇ ମତଭେଦ ହେବାରୁ ଅତୀତରେ ଗୋଟିଏ ସରକାରର ପତନ ଘଟିଥିଲା । ପରବର୍ତ୍ତୀ ସମୟରେ ଶାଳମଞ୍ଜିର ଏକଚାଟିଆ କାରବାର କରୁଥିବା ଜନୈକ ବ୍ୟବସାୟୀ ଏତେ ପ୍ରଭାବଶାଳୀ ହୋଇଗଲେ ଯେ, "ସବୁଦଳ ଓ ସରକାରକୁ ପକେଟ୍‌ରେ ପୂରାଇ ବୁଲୁଛି" ବୋଲି କହି ବୁଲିଲେ । ଆମ ରାଜନୈତିକ ଦଳର ନେତୃବୃନ୍ଦଙ୍କର ଆଚରଣ ଏହାକୁ ମଧ୍ୟ ସତ୍ୟ ପ୍ରମାଣିତ କଲା । ୧୯୮୦ ମସିହାରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପ୍ରଥମ ଥର ପାଇଁ କ୍ଷମତାସୀନ ହେବାପରେ ଶାଳମଞ୍ଜି ସଂଗ୍ରହ ବ୍ୟବସାୟର ଜାତୀୟକରଣ କରିଥିଲେ । ମାମଲା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲା ।

## ଆମଘରର ହାଲଚାଲ

### ସୌମ୍ୟରଞ୍ଜନ ପଟ୍ଟନାୟକ

ଶାଳମଞ୍ଜି ବ୍ୟବସାୟୀ ଶେଷରେ ହାର ମାନିଲେ । ଏହାକୁ ଓଡ଼ିଶାର ଜଙ୍ଗଲ ରାଜନୀତିର ଶେଷ ଅଧ୍ୟାୟ ବୋଲି ଆମେ ସମସ୍ତେ ଭାବି ନେଇଥିଲୁ । ମାତ୍ର ୧୯୯୦ର ଜନତାଦଳ ସରକାର କ୍ଷମତାକୁ ଆସିବା ପରେ, ଜଙ୍ଗଲ ରାଜନୀତିର ଆଉ ଏକ ଅଧ୍ୟାୟ ଆରମ୍ଭ ହେଲା । ଗରିବ ଆଦିବାସୀ ଭାଇଭଉଣୀଙ୍କୁ ଉଚିତ ମୂଲ୍ୟ ଦେବା କଥା କହି ମହୁଲର ସର୍ବନିମ୍ନ ଦରଧାର୍ଯ୍ୟ କରାଗଲା । ଆଦିବାସୀ ଭାଇଭଉଣୀ ତ ଲାଭବାନ ହେଲେ ନାହିଁ, ରାଜକୋଷରୁ ୯ କୋଟି ଟଙ୍କା ହରିଲୁଟ ହୋଇ ଦଳର ନେତା ଓ ବେପାରୀଙ୍କ ହାତ ଚିକ୍‌କଣ ହେଲା । ବାଉଁଶର ଜାତୀୟକରଣ କରାଗଲା । ପୁଣି ରୁଗ୍‌ଣ ହୋଇଯାଇଥିବା କାଗଜକଲକୁ ଉଦ୍ଧାର କରିବାର ନାଁ ନେଇ ରୟାଲଟି ଛାଡ କରିବା ସଙ୍ଗେ ସଙ୍ଗେ ବାଉଁଶ ଜଙ୍ଗଲଗୁଡ଼ିକୁ ପୁଣି ଠିକାରେ ମାଲିକମାନଙ୍କ ହାତରେ ଟେକି ଦିଆଗଲା । ତତ୍କାଳୀନ ଅଣସ୍ୱୀକୃତ ବିରୋଧୀ କଂଗ୍ରେସ ଦଳ ଦୁର୍ନୀତିର ଗନ୍ଧ ବାରି ଏହାର ତୀବ୍ର ସମାଲୋଚନା କରିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୁତ୍ରଙ୍କର କାଗଜକଲ ମାଲିକଙ୍କ ସହିତ ବ୍ୟବସାୟିକ ସମ୍ପର୍କ ଥିବା ଅଭିଯୋଗ ଆଣିଥିଲେ । କେବଳ ବାଉଁଶ ନୁହେଁ ଲଘୁ ଜଙ୍ଗଲଜାତ ଦ୍ରବ୍ୟର ଏକଚାଟିଆ କାରବାରକୁ ଏକଦା ଦଳର ପୃଷ୍ଠପୋଷକ ସାଜିଥିବା ବ୍ୟବସାୟୀଙ୍କ ହାତକୁ ମଧ୍ୟ ଟେକି ଦିଆଗଲା ।

ଜାତୀୟକରଣ କରି ପଛ ଦରଜା ବାଟେ ବେପାରୀଙ୍କ ହାତରେ ରାଜ୍ୟର ସମ୍ପତ୍ତିକୁ ଟେକି ଦେବାର ଚ୍ଛୁଗ୍ରଉ ଫର୍ମୁଲା ଜନତା ସରକାର ଉଦ୍ଭାବନ କଲେ ଜାନକୀବାବୁଙ୍କ କଂଗ୍ରେସ ସରକାର ସତେ ଯେପରି ବିଜୁବାବୁଙ୍କୁ ଧନ୍ୟବାଦ ଦେବା ପରି ତାଙ୍କ ଫର୍ମୁଲାର ଅଧିକ ଫଳପ୍ରଦ ବ୍ୟବହାର କଲେ । ତାହା ହୋଇ ନ ଥିଲେ ସେ ତରବରିଆ ଭାବରେ ମଞ୍ଜିରୁ ତେଲ ବାହାର କରୁଥିବା ଅନ୍ୟ ଶିଳ୍ପୋଦ୍ୟୋଗୀମାନଙ୍କୁ କୌଣସି ସୂଚନା ନ ଦେଇ ପୂର୍ବତନ ଜନତା ସରକାରଙ୍କ ଫର୍ମୁଲାକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ହାତରେ ଶାଳମଞ୍ଜି ସଂଗ୍ରହ ବ୍ୟବସାୟକୁ ତାଙ୍କ କଲମ ଗାରରେ ଟେକି ଦେଇ ନ ଥାନ୍ତେ । ବିଜୁବାବୁଙ୍କ ପୁଅର କାଗଜକଲର ମାଲିକଙ୍କ ସହ ଯେପରି ସମ୍ପର୍କ ଥିଲା, ଆଜି ଶାଳମଞ୍ଜି ବ୍ୟବସାୟୀଙ୍କ ସହିତ କଂଗ୍ରେସ ଓ ଜନତାଦଳର ନେତାଙ୍କ କାହାର କି ସମ୍ପର୍କ ଅଛି ସେ ବିଷୟରେ ଜାଣିବାର ଅଧିକାର ଓଡ଼ିଶାବାସୀଙ୍କର ନାହିଁ କି ? ଜଙ୍ଗଲ ରାଜନୀତିର ଏହି ନୂଆ ଅଧ୍ୟାୟ ଓଡ଼ିଶାର ଜାତୀୟ ଜୀବନର ଏକ ବିଡମ୍ବିତ ଅଧ୍ୟାୟ ହୋଇ ରହିବ । ଏହି ବିଡମ୍ବନା ଆହୁରି ଅଧିକ ନିଷ୍ଠୁର ହୋଇପଡେ ଯେତେବେଳେ ଜଙ୍ଗଲ ରାଜନୀତିର ପଟ୍ଟଭୂମି ଓ ପକ୍ଷଭୁକ୍ତ ଚରିତ୍ର ଗୁଡ଼ିକ ଆଲୋଚନାର ପରିସରକୁ ଆସନ୍ତି । ଜଙ୍ଗଲର ସେହି ଶାଳମଞ୍ଜି, ଆଦିବାସୀ ଭାଇଭଉଣୀଙ୍କ ସେହି ପେଟପାଟଣା କଥା, ସେହି ପୁରୁଣା ସଂଗ୍ରହକାରୀ ବ୍ୟବସାୟୀ ଏବଂ ସେହି ପୁରୁଣା ମୁଖ୍ୟମନ୍ତ୍ରୀ - ଚରିତ୍ର ଓ ପଟ୍ଟଭୂମି ଏକ କିନ୍ତୁ ଭୂମିକା ଅନେକ । ୮୦ ଦଶକରେ ସେହି ବ୍ୟବସାୟୀଙ୍କୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଟାଣି ନେଇ ହାର ମନେଇଥିବା ମୁଖ୍ୟମନ୍ତ୍ରୀ ଆଜି କିପରି ତାଙ୍କରି ହାତରେ ଓଡ଼ିଶାର ଜଙ୍ଗଲକୁ ଏକଚାଟିଆ କାରବାର ପାଇଁ ଟେକିଦେଲେ ? ପ୍ରତିଦିନ ଓଡ଼ିଶାର ପ୍ରଗତିର ସ୍ୱପ୍ନ ଦେଖୁଥିବା ସ୍ୱାଭିମାନୀ ମୁଖ୍ୟମନ୍ତ୍ରୀ ଆମର ଏ ପ୍ରଶ୍ନର ଉତ୍ତର ଦେଇ ଆମ ଭିତରେ ଜମି ଯାଉଥିବା ହୀନମାନ୍ୟତାକୁ ଦୂର କରି ନ ପାରିଲେ ତାଙ୍କର ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯିବ ।